**ବାଲିମୁଣ୍ଡାରେ ଜବରଦଖଲ ଉଚ୍ଛେଦ**

ପଦ୍ମପୁର,(ଡି.ଏନ୍.ଏ.): ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ବାଲିମୁଣ୍ଡା ବଜାରରୁ ସୋମବାର ଜବରଦଖଲ ଉଚ୍ଛେଦ କରାଯାଇଥିଲା। ଜାମୁଝାଡ଼ି- ଧାମରା ରାସ୍ତା ସମ୍ପ୍ରସାରଣ ପାଇଁ ଏହି ଉଚ୍ଛେଦ ପ୍ରକ୍ରିୟା କରାଯାଇଥିଲା। ଏଥିରେ ବାସୁଦେବପୁର ତହସିଲଦାର ସୌମ୍ୟଶ୍ରୀ ପାଣିଗ୍ରାହୀ, ନାୟକାଣିଡ଼ିହୀ ଥାନାଧିକାରୀ ଉମାଶଙ୍କର ନାୟକ, ଏସ୍ଆଇ ବିଜୟ କୁମାର ଦାସମହାପାତ୍ର, କନଷ୍ଟେବଳ ପର୍ଶୁରାମ କବି, ରାଜସ୍ୱ ନୀରିକ୍ଷକ ରବୀନ୍ଦ୍ର କୁମାର ପ୍ରଧାନ ଓ ଏକ ପ୍ଲାଟୁନ ସଶସ୍ତ୍ର ପୋଲିସ ମୁତୟନ ଥିଲେ। ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଶତାଧିକ ଦୋକାନ ଭଙ୍ଗାଯାଇଥିଲା।

## ସଂକ୍ଷେପରେ

### ଡାକ୍ତରୀ ପଢ଼ିବେ ରମେଶ


ମା’ ବାପାଙ୍କ ସହ ରମେଶ।

**ଖଇରା, ୧୯।୧୦(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଣ୍ଡିବେଡ ବଜାରରେ ବାରମଜା ବିକ୍ରି କରୁଥିବା କାଶୀନାଥ ସେଠୀଙ୍କ ପୁଅ ରମେଶ ନିଟ୍ ପରୀକ୍ଷାରେ ସଫଳତା ଲାଭ କରି ଡାକ୍ତରୀ ପଢ଼ିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ତାଙ୍କ ଘର ଶ୍ୟାମସୁନ୍ଦରପୁର ଗ୍ରାମରେ। ସେ ୫୫୬ ନମ୍ବର ରଖି ଏହି ଯୋଗ୍ୟତା ହାସଲ କରିଛନ୍ତି। ବାପା କାଶୀନାଥ ସକାଳ ହେଲେ ବାରମଜା ପ୍ରସ୍ତୁତ କରି ଗଣ୍ଡିବେଡ ବଜାର ସମେତ ଆଖପାଖ ଗ୍ରାମକୁ ଯାଇ ବିକ୍ରି କରି ପରିବାର ଚଳାଇଥାନ୍ତି। ପ୍ରଥମେ ତାଙ୍କ ପୁଅ ନବୋଦୟ ପାଇ ବାଗୁଡିରେ ଯୁକ୍ତ ୨ ପର୍ଯ୍ୟନ୍ତ ପଢ଼ିବା ପରେ ଦକ୍ଷିଣାପରୀକ୍ଷା ଦେଇ ସରକାରୀ ସ୍ତରରେ ପୁନେରେ ଡାକ୍ତରୀ କୋଚିଂ ନେବାକୁ ମନୋନୀତ ହୋଇଥିଲେ। ପାଠପଢ଼ା ବ୍ୟତୀତ ଭଜନ ଓ ଜଣାଣ ଗାଇବାରେ ତାଙ୍କର ସୁଖ୍ୟାତି ଅଛି। ପୁଅର ଏଭଳି ସଫଳତାକୁ ନେଇ ମା’ ଶାନ୍ତିଲତା ମଧ ଖୁସି ବ୍ୟକ୍ତ କରିଛନ୍ତି। ଗଣ୍ଡିବେଡ ବଜାର କମିଟି, ଯୁବ ସ୍ୱାଭିମାନ ମଞ୍ଚ, ଆଞ୍ଚଳିକ ଉନ୍ନୟନ ପରିଷଦ ଭଳି ସ୍ଥାନୀୟ ସ୍ୱେଚ୍ଛାସେବୀ ଓ ସାଂସ୍କୃତିକ ସଙ୍ଗଠନ ରମେଶଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ରଙ୍ଗମିସ୍ତ୍ରି ମୃତ

**ପାଟଣା, ୧୯।୧୦(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ଥାନା ତେଣ୍ଡେରା ଗ୍ରାମରେ ସୋମବାର ଜଣଙ୍କ ଘରେ ରଙ୍ଗ ମାରୁଥିବା ସମୟରେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଜଣେ ମିସ୍ତ୍ରୀଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ତେଣ୍ଡେରା ଗ୍ରାମର ରାହୁଲ ମହାକୁଡ଼। ରାହୁଲଙ୍କ ଘର ଆଜବେଷ୍ଟସ ଉପରେ ଠିଆ ହୋଇ ପାରାପିଟରେ ରଙ୍ଗ ମାରୁଥିବା ବେଳେ ଘରଉପରେ ଯାଇଥିବା ୧୧ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ପ୍ରାଣ ହରାଇଥିଲେ।

### ସାପ କାମୁଡ଼ାରେ ଚାଷୀ ମୃତ

**ଖୁଣ୍ଟା, ୧୯।୧୦(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ବାହାନଡ଼ା ଗ୍ରାମରେ ସାପ କାମୁଡ଼ାରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଅନୀଲ କୁମାର ପାତ୍ର (୪୫)। ସକାଳେ ଚାଷ ଜମିରେ କୀଟନାଶକ ପକାଇବା ପାଇଁ ଯାଇଥିବା ବେଳେ ଏକ ବିଷାକ୍ତ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ବାରିପଦା ପିଆରଏମ୍ ମେଡିକାଲକୁ ନେଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ।

# ଗାଁକୁ ମାଡ଼ୁଛି ସୁବର୍ଣ୍ଣରେଖା

**ବାରିପଦା ଅଫିସ, ୧୯।୧୦**

ଓଡ଼ିଶା, ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ରାଜ୍ୟ ଦେଇ ପ୍ରବାହିତ ହେଉଛି ସୁବର୍ଣ୍ଣରେଖା ନଦୀ। ଏହି ନଦୀ ମୟୂରଭଞ୍ଜ ଜିଲାର ଦୁଇଟି ବ୍ଲକ ମଧଦେଇ ବହି ଯାଉଥିବା ବେଳେ କୂଳକ୍ଷୟ ଯୋଗୁ ଗାଁ ଗଣ୍ଡା ପ୍ରତି ବିପଦ ସାଜିଛି। ଫଳରେ ନଦୀକୂଳବାସୀ ଆତଙ୍କିତ ଅବସ୍ଥାରେ ଦିନ କାଟୁଥିବା ବେଳେ ବହୁ ଚାଷଜମି ବାଲିଚର ହୋଇଯାଇଛି । ଆଡ଼ିବନ୍ଧ ନିର୍ମାଣ କରା ନ ଗଲେ ଆଗାମୀ କିଛି ବର୍ଷ ମଧରେ ଗୋଟିଏ କିମ୍ବା ଦୁଇଟି ଗ୍ରାମ ନଦୀଗର୍ଭରେ ଲୀନ ହେବ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି ।

୩୯୫ କି.ମି. ଦୈର୍ଘ୍ୟ ବିଶିଷ୍ଟ ସୁବର୍ଣ୍ଣରେଖା ନଦୀ ଝାଡ଼ଖଣ୍ଡ ରାଜ୍ୟର ରାଜଧାନୀ ରାଞ୍ଚି ନିକଟସ୍ଥ ପିସ୍କା ଅଞ୍ଚଳରୁ ବାହାରିଛି । ଏହି ନଦୀ ରାଞ୍ଚି, ସରେଇକେଲା, ଖରସୁଆଁ, ସିଂହଭୂମି ଜିଲା ଦେଇ ପଶ୍ଚିମବଙ୍ଗର ମେଦିନପୁରରେ ପ୍ରବେଶ କରିଛି । ୮୩ କି.ମି. ଧରି ପଶ୍ଚିମବଙ୍ଗରେ ପ୍ରବାହିତ ହେବା ପରେ ଓଡ଼ିଶାର ମୟୂରଭଞ୍ଜ ଓ ବାଲେଶ୍ୱର ଜିଲାର ୭୯ କି.ମି ଦେଇ ବଙ୍ଗୋପସାଗରରେ ମିଶିଛି । ମୟୂରଭଞ୍ଜ ଜିଲାର ସାରସକଣା ଓ ରାସଗୋବିନ୍ଦପୁର ବ୍ଲକ ଦେଇ ପ୍ରବାହିତ ହୋଇଥିବା ଏହି ନଦୀ ପ୍ରତିବର୍ଷ ବର୍ଷାଦିନେ ଉଛୁଳି ପଡ଼ିବା ସହ କୂଳ ଖାଇଥାଏ । ରାସଗୋବିନ୍ଦପୁର ବ୍ଲକ ଗୋଡ଼ିଘାଟି ପଞ୍ଚାୟତର ଟିକାୟତପୁର,ବନ୍ଧମୁଣ୍ଡି, ତମ୍ବାଖୁରି, ବରହମପୁରା ଓ ଗୋଡ଼ଘାଟି ଗ୍ରାମ ନଦୀ କୂଳରେ ଅବସ୍ଥିତ। ବର୍ଷାଦିନେ ନଈବଢ଼ି ହେଲେ ଟିକାୟତପୁର ଓ ବନ୍ଧମୁଣ୍ଡି ଗ୍ରାମରେ ଉଦବୃତ୍ତ ବନ୍ୟାଜଳ ପ୍ରବେଶ କରି ବହୁ ଧନଜୀବନ ନଷ୍ଟ କରିଥାଏ। ସେହିପରି ସାରସକଣା ବ୍ଲକ ଶୀର୍ଷା ପଞ୍ଚାୟତର ରୁଗୁଡ଼ିସାହି, ନୂଆସାହି, କୁଲସାହି, ମାଲିସାହି, ବେଡ଼ାପାଲ, ଡୁଟାସାହି, ଧରାସାହି ଏବଂ ପାଣ୍ଡରା ପଞ୍ଚାୟତର ପାଣ୍ଡରା ଓ ରଳାସାହି ଗ୍ରାମର ଲୋକେ ନଦୀ କୂଳରେ ରହିଛନ୍ତି। ବର୍ଷାଦିନେ ନଦୀରେ ପାଣି ବଢ଼ିଲେ କୂଳବାସୀ ଭୟଭୀତ ହୋଇ ଗାଁର ଉପରମୁଣ୍ଡକୁ ସ୍ଥାନାନ୍ତର ହୋଇଥାନ୍ତି। ପାଣ୍ଡରା ଗ୍ରାମ ବାଲି ସୈରାତରୁ ମାତ୍ରାଧିକ ବାଲି ଉତ୍ତୋଳନ ଦ୍ୱାରା ନଦୀପଠା କ୍ଷୟ ହୋଇ ତଟବର୍ତ୍ତୀ ଅଞ୍ଚଳ ପ୍ରତି ବିପଦ ସୃଷ୍ଟି କରୁଛି ବୋଲି ଗ୍ରାମର ଧୀରେନ ଚନ୍ଦ୍ର କଳିଆ, ସୁଧୀର ମଣ୍ଡଳ, ବୈକୁଣ୍ଠ ପାତ୍ର ପ୍ରମୁଖ ପ୍ରକାଶ କରିଛନ୍ତି। ସେହିପରି ଅନେକ ସ୍ଥାନରୁ ଚୋରାରେ ବେଆଇନ ବାଲି ଉତ୍ତୋଳନ ହେଉଥିବାରୁ ନଦୀଶଯ୍ୟା କ୍ଷୟ ହୋଇ ବନ୍ଧବାଡ଼ ପ୍ରତି ବିପଦ ସୃଷ୍ଟି କରୁଛି। ଏପରିକି ବାଲି ପରିବହନ କରିବା ପାଇଁ ଲିଜଧାରୀମାନେ ନଦୀର ଆଡ଼ିକୁ ମେଶିନ ସାହାଯ୍ୟରେ ସମତୁଲ କରୁଥିବାରୁ ବର୍ଷାଦିନେ ନଦୀର ଉଦ୍‌ବୃତ୍ତ ଜଳ ଗାଁ ମଧରେ ପ୍ରବେଶ କରୁଛି। ୧୦ବର୍ଷ ମଧରେ ନଦୀକୂଳ ଖାଇବାରୁ ପ୍ରାୟ ୪ ଶହ ମିଟର ଗାଁ ଅଭିମୁଖେ ନଦୀଟି ମାଡ଼ି ଆସିଛି ବୋଲି ରୁଗୁଡ଼ିସାହିର ରଇଦାସ ମାଝି, ଶୁକ୍ରା ହେମ୍ବ୍ରମ, ଜଗଦୀଶ ପାତ୍ର ପ୍ରକାଶ କରିଛନ୍ତି । ତେବେ ସରକାରଙ୍କ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରା ନ ଗଲେ ଆଗାମୀ କିଛି ବର୍ଷ ମଧରେ ଧରାସାହି ଓ ରଳାସାହି ଗ୍ରାମଟି ନଦୀ ଗର୍ଭରେ ଲୀନ ହେବ ବୋଲି ଗ୍ରାମବାସୀ ବୁଧିଆ ସିଂ ଓ ଭଗବାନ ସିଂ କହିଛନ୍ତି। ବେଆଇନ ବାଲି ଉତ୍ତୋଳନକୁ ରୋକିବା ସହ ଆଡ଼ିବନ୍ଧ ଓ ସ୍ପର ନିର୍ମାଣ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।


ବେଆଇନ ବାଲି ଉତ୍ତୋଳନ ପାଇଁ ଜେସିବିରେ କୂଳକୁ ସମତୁଲ କରାଯାଉଛି।

## ଆଖଣ୍ଡଳମଣି ମନ୍ଦିର ବେଢ଼ା ସମ୍ପ୍ରସାରଣ ଆରମ୍ଭ

**ଆରଡି, ୧୯।୧୦(ଡି.ଏନ.ଏ.)**

ଭଦ୍ରକ ଜିଲାର ପ୍ରସିଦ୍ଧ ଶୈବପୀଠ ଆରଡ଼ିରେ ଥିବା ବାବା ଆଖଣ୍ଡଳମଣିଙ୍କ ମନ୍ଦିର ବେଢ଼ା ସମ୍ପ୍ରସାରଣ କାର୍ଯ୍ୟ ସୋମବାର ଆରମ୍ଭ ହୋଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ବେଢ଼ା ଭିତରେ ଥିବା ୧୬ଟି ଓ ବେଢ଼ା ବାହାରେ ଥିବା ୩ଟି ଭୋଗଦୋକାନକୁ ଭାଙ୍ଗି ଦିଆଯାଇଛି । ଏହାପରେ ବେଢ଼ାର ଦକ୍ଷିଣ, ପୂର୍ବ, ଉତ୍ତର ପାର୍ଶ୍ୱରେ ଥିବା ପ୍ରାଚୀର ଭଙ୍ଗାଯିବା ସହ ସେଠାରେ ପଥରରେ ପ୍ରାଚୀର ନିର୍ମାଣ ହେବ ବୋଲି ପ୍ରଶାସନିକ ସ୍ତରରୁ ସୂଚନା ମିଳିଛି। ପରବର୍ତ୍ତୀ ପର୍ଯ୍ୟାୟରେ ଏଠାରେ ମାଷ୍ଟର ପ୍ଲାନ କାର୍ଯ୍ୟକାରିତା ନେଇ ପୀଠର ଉନ୍ନତିକରଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ସବୁଜ ସଂକେତ ମିଳିସାରିଛି। ଚାନ୍ଦବାଲି ତହସିଲଦାର ସୁଶାନ୍ତ ସୁତାର, ବିଡିଓ. ଜ୍ୟୋତି ବିକାଶ ଦାଶ, ଧାମନଗର ଅତିରିକ୍ତ ତହସିଲଦାର ଅଭିପ୍ସା ପଟ୍ଟନାୟକ, ପୀଠରେ ଉପସ୍ଥିତ ରହି ବେଢ଼ା ସମ୍ପ୍ରସାରଣ କାର୍ଯ୍ୟର ତଦାରଖ କରିଥିଲେ। ଭଦ୍ରକ ଜିଲାର ୩ ଏସଡିପିଓ, ଧୂଷୁରୀ ଥାନାଧିକାରୀ ପ୍ରଫୁଲ୍ଲ କୁମାର ସିଂ, ଆରଡ଼ି ଫାଣ୍ଡି ଅଧିକାରୀ ପ୍ରଦୀପ ନାୟକ ପ୍ରମୁଖ ପୀଠରେ ଉପସ୍ଥିତ ରହିବା ସହ ୩ ପ୍ଲାଟୁନ ପୋଲିସ ଫୋର୍ସ ମୃତୟନ କରାଯାଇଥିଲା। ଭୋଗ ଦୋକାନୀଙ୍କୁ ଥଇଥାନ କରିବା ସହ ସେମାନଙ୍କୁ ନୂତନ ଦୋକାନ ଘର ଯୋଗାଇ ଦେବାକୁ କିଛି ସେବାୟତ ଆପତ୍ତି କରିଥିଲେ । ସେମାନଙ୍କୁ ନିର୍ମିତ ହେବାକୁ ଥିବା ଭୋଗ ମଣ୍ଡପରେ ଦୋକାନ ଘର ଯୋଗାଇ ଦିଆଯିବ ବୋଲି ମନ୍ଦିର ପରିଚାଳକ ବିଦ୍ୟାଧର ପଲାଇ କହିଛନ୍ତି।

## ୨୨ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ

**ବନ୍ତ, ୧୯।୧୦(ଡି.ଏନ୍.ଏ.)**

- ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଲକ୍ଷ୍ୟ ଧାର୍ଯ୍ୟ ପୂରଣ ହେଲାନି
- ମାସକର ଦରମା ସ୍ଥଗିତ

ଭଦ୍ରକ ଜିଲା ବନ୍ତ ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଲକ୍ଷ୍ୟ ଧାର୍ଯ୍ୟ ପୂରଣ ନ ହେବାରୁ ୨୨ ଅଧିକାରୀଙ୍କୁ ଜିଲା ପ୍ରଶାସନ କାରଣ ଦର୍ଶାଅ ନୋଟିସ ଜାରି କରିବା ସହିତ ସେମାନଙ୍କର ୧ ମାସର ଦରମା ସ୍ଥଗିତ ରଖିଛି ।

ଉଲ୍ଲେଖଯୋଗ୍ୟ ଯେ, ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ନିର୍ଦ୍ଦେଶ କ୍ରମେ ଗତ ୨୦୧୯-୨୦(ଅତିରିକ୍ତ) ଓ ୨୦୨୦-୨୧ ଆର୍ଥିକ ବର୍ଷରେ ମଞ୍ଜୁର ହୋଇଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟ ଗତ ସେପ୍ଟେମ୍ବର ମାସ ଶେଷ ସୁଦ୍ଧା ଶତ ପ୍ରତିଶତ ସମ୍ପୂର୍ଣ୍ଣ କରିବା ନେଇ ନିର୍ଦ୍ଦେଶ ଦିଆଯାଇଥିଲା । ଏହି ପରିପେକ୍ଷୀରେ ବନ୍ତ ବ୍ଲକର ବଡବର୍ଚ୍ଛିକୟାଁ, ମହାନ୍ତିପଡ଼ା, ବିଟିପୁର, ନିଳୋକ, ଆଡ଼ିଆ, ଛୟାଳସିଂ, ପଧାନପଡ଼ା, ଓଡ଼ଙ୍ଗ, ପୁରୁଷଣ୍ଡ, କାଦବରାଙ୍ଗ, ଗଣିଜାଙ୍ଗ, ଶେଣ୍ଟତୀରା, ବସନ୍ତିଆ ଆଦି ପଞ୍ଚାୟତରେ ଶତ ପ୍ରତିଶତ କାର୍ଯ୍ୟ ହୋଇ ନ ଥିବା ଜିଲା ପ୍ରଶାସନ ଅବଗତ ହୋଇଛି। ମଞ୍ଜୁର ହୋଇଥିବା ଆବାସ ମଧରୁ ଉଭୟ ଆର୍ଥିକ ବର୍ଷରେ ବଡ଼ବର୍ଚ୍ଛିକୟାଁ ଓ ମହାନ୍ତିପଡ଼ାରେ ୧୧୭, ବିଟିପୁରରେ ୭୩, ନିଳୋକରେ ୬୦, ଆଡ଼ିଆରେ ୫୧, ଛୟାଳସିଂରେ ୪୮, ପଧାନପଡ଼ାରେ ୩୧, ଓଡ଼ଙ୍ଗରେ ୪୩, ପୁରୁଷଣ୍ଡରେ ୩୯, କାଦବରାଙ୍ଗରେ ୩୮, ଗଣିଜାଙ୍ଗରେ ୩୭, ଶେଣ୍ଟତୀରାରେ ୩୪, ବସନ୍ତିଆରେ ୩୦ ଗୃହ ବାକିଥିବା ଜଣାଯାଇଛି। ଏନେଇ ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପକ୍ଷରୁ ୧୧ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ୫ ଗ୍ରାମ ରୋଜଗାର ସେବକ, ଜଣେ କନିଷ୍ଠ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, ଗ୍ରାମ ପଞ୍ଚାୟତ ଟେକ୍‌ନିକାଲ ଆସିଷ୍ଟାଣ୍ଟ, ପି.ଏ, ଡବ୍ଲ୍ୟୁଇଓ, ଏଫଇଓଙ୍କୁ ମିଶାଇ ମୋଟ ୨୨ ଅଧିକାରୀ ଓ କର୍ମଚାରୀଙ୍କୁ ବ୍ୟକ୍ତିଗତ ଭାବେ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଏସମ୍ପର୍କରେ ବିଡିଓ ରେବେକା ବିଲୁଙ୍ଗଙ୍କୁ ପଚାରିବାରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଲକ୍ଷ୍ୟ ଧାର୍ଯ୍ୟ ପୂରଣ ହୋଇ ନ ଥିବାରୁ ଜିଲା ପ୍ରଶାସନ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି ବୋଲି କହିଥିଲେ ।

## ବିଦ୍ୟୁତ୍ କର୍ମଚାରୀ ସଂଘର ବୈଠକ



ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

**ଭଦ୍ରକ ଅଫିସ, ୧୯।୧୦**

ଭଦ୍ରକ ପାୱାର ହାଉସ୍‌ଠାରେ କଳିଙ୍ଗ ବିଦ୍ୟୁତ୍ କର୍ମଚାରୀ ସଂଘର ଏକ ଜରୁରୀ ବୈଠକ ଓ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ସୁରେନ୍ଦ୍ର ସାହୁ ସଭାପତିତ୍ୱ କରିଥିବା ବେଳେ ବସନ୍ତ କୁମାର ମହାନ୍ତି ନିର୍ବାଚନ ଅଧିକାରୀ ଭାବେ ଯୋଗ ଦେଇଥିଲେ। ବିଦ୍ୟୁତ୍ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଯଥା ସ୍ୱଳ୍ପ ଦରମାରେ କାର୍ଯ୍ୟ କରୁଥିବା ଠିକା କର୍ମଚାରୀମାନଙ୍କୁ ତୁରନ୍ତ ସରକାରୀ ପ୍ରତିଶ୍ରୁତି ଅନୁଯାୟୀ ନିୟମିତ କରିବା ଆଦି ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ସଭାପତି ଭାବେ ସୁରେନ୍ଦ୍ର କୁମାର ସାହୁ, ଉପସଭାପତି ଭାବେ ଶୁଭଙ୍କର ବେହେରା, କାର୍ଯ୍ୟକାରୀ ସଭାପତି ସତ୍ୟବ୍ରତ ପଣ୍ଡା, ସାଙ୍ଗଠନିକ ସମ୍ପାଦକ ବସନ୍ତ କୁମାର ମହାନ୍ତି, ସାଧାରଣ ସମ୍ପାଦକ ଦୀପକ କୁମାର ବାରିକ, ଉପସାଧାରଣ ସମ୍ପାଦକ ପ୍ରଭାକର ପ୍ରଧାନ, ସହ ସାଧାରଣ ସମ୍ପାଦକ ମାନସ ରଞ୍ଜନ ବେହେରା, କୋଷାଧକ୍ଷ କୁମାରେଶ ସାମଲ, ନର୍ଥ ଡିଭିଜନ ସମ୍ପାଦକ ପ୍ରଦୀପ ମହାପାତ୍ର, ସାଉଥ୍ ଡିଭିଜନ ସମ୍ପାଦକ ଭାଗିରଥୀ ସାହୁ ପ୍ରମୁଖ ନିର୍ବାଚିତ ହୋଇଛନ୍ତି।

## ବିନା ଭକ୍ତରେ ପୂଜା ପାଇବେ ମା’

**ଯୋଡା, ୧୯।୧୦(ଡି.ଏନ୍.ଏ.)**

କରୋନା ପାଇଁ ଚଳିତବର୍ଷ ଖଣି ସହର ଯୋଡାରେ ପାର୍ବଣ କଟକଣା କରାଯାଇଛି । ବିନା ତୋରଣ ଓ ସାଜସଜ୍ଜାରେ ମଣ୍ଡପରେ ପୂଜା ପାଇବେ ମା’। କମିଟିର ୭ ଜଣରୁ ଉର୍ଦ୍ଧ୍ୱ ସଦସ୍ୟ ରହିପାରିବେ ନାହିଁ । ୪ଫୁଟ ମଧରେ ମୂର୍ତ୍ତିର ଉଚ୍ଚତା ରହିବା ସଙ୍ଗେ ସଙ୍ଗେ ଭକ୍ତମାନେ ମଧ ଦର୍ଶନ କରିପାରିବେ ନାହିଁ ବୋଲି ସୋମବାର ଯୋଡା ପୌରପରିଷଦ କାର୍ଯ୍ୟାଳୟ ସଭାଗୃହରେ ବିଭିନ୍ନ ପୂଜା କମିଟିର ସଦସ୍ୟ ଓ ସ୍ଥାନୀୟ ପ୍ରଶାସନଙ୍କ ମଧରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର ଜିଲାପାଳଙ୍କ ଆଦେଶ ସଂଖ୍ୟା ୪୭୦୧/୧୬/୧୦/୨୦୨୦ ଅନୁସାରେ ଚଳିତ ଦୁର୍ଗାପୂଜା, ଲକ୍ଷ୍ମୀପୂଜା, କାଳୀପୂଜା ନିମନ୍ତେ ଯୋଡା ପୌରାଞ୍ଚଳ ସମେତ ବିଲେଇପଦା ପୂଜା ପେଣ୍ଡାଲର କର୍ମକର୍ତ୍ତା ମାନଙ୍କୁ ନେଇ ଏହି ବୈଠକ ହୋଇଥିଲା । ଏହି ବୈଠକରେ ଯୋଡା ପୌରପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀ ସୂର୍ଯ୍ୟମଣୀ ପାଟଯୋଶୀଙ୍କ ଅଧକ୍ଷତାରେ ଯୋଡା ଥାନା ଅଧିକାରୀ ରାଇସେନ ମୁର୍ମୁ, ବଡବିଲ ତହସିଲଦାର କ୍ଷୀରୋଦ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ।

## କ୍ଷତିଗ୍ରସ୍ତ ଜମାକାରୀଙ୍କ ପକ୍ଷରୁ ଦାବିପତ୍ର

**ଖଇରା, ୧୯।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନରେ ଚିଟଫଣ୍ଡ ସଂସ୍ଥା ଦ୍ୱାରା କ୍ଷତିଗ୍ରସ୍ତ ଜମାକାରୀଙ୍କ ତରଫରୁ ଜଳଦା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଗଣ ସତ୍ୟାଗ୍ରହ କରାଯାଇଥିଲା। ପରେ ସରପଞ୍ଚ ଗାୟତ୍ରୀ ପଣ୍ଡାଙ୍କ ମାଧମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । କ୍ଷତିଗ୍ରସ୍ତ ମିଳିତ ମଞ୍ଚର କର୍ମକର୍ତ୍ତା ବିନୟ କୁମାର ଶଙ୍ଖୁଆ, ଯୁଧିଷ୍ଠିର ମହାରଣା, ମନୋଜ କୁମାର ପଣ୍ଡା, ରତ୍ନାକର ବେହେରାଙ୍କ ନେତୃତ୍ୱରେ ବହୁ ଜମାକାରୀ ଧାରଣାରେ ଯୋଗ ଦେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ କଟୁ ସମାଲୋଚନା କରିଥିଲେ। ସମସ୍ତ ଜମାକାରୀଙ୍କୁ ତାଙ୍କର ପ୍ରାପ୍ୟ ଫେରସ୍ତ କରା ନ ଯିବା ଦୁର୍ଭାଗ୍ୟପୂର୍ଣ୍ଣ ବୋଲି ପ୍ରକାଶ କରିଥିଲେ । ଅକ୍ଟୋବର୨ରୁ ଏହି ଧାରଣା ଆରମ୍ଭ ହୋଇଥିବା ବେଳେ ପ୍ରତି ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଚାଲିବ ବୋଲି ବକ୍ତାମାନେ ଚେତାବନୀ ଦେଇଥିଲେ।

## ନିଯୁକ୍ତି ଦାବିରେ ଜିଲାପାଳଙ୍କ ଅଫିସ ଘେରାଉ

**କେନ୍ଦୁଝର, ୧୯।୧୦ (ସ୍ୱ.ପ୍ର./ଡି.ଏନ.ଏ)**

ଦୀର୍ଘ ବର୍ଷ ଧରି ବିଭିନ୍ନ ପଦପଦବୀରେ କାର୍ଯ୍ୟ କରିଆସୁଥିବା ଶ୍ରମିକ କର୍ମଚାରୀଙ୍କୁ ତ୍ରିବେଣୀ କମ୍ପାନୀ ଓ ଏମଟିଏଲଏଲ ସିକ୍ୟୁରିଟି ଏଜେନ୍ସି ଶୋଷଣ କରି ବିଭିନ୍ନ ଆଳରେ ଛଟେଇ କରୁଥିବା ପ୍ରତିବାଦରେ ଶତାଧିକ କର୍ମଚାରୀ ନମୋ ସେନା ନେତୃତ୍ୱରେ ସୋମବାର ଜିଲାପାଳଙ୍କ ଅଫିସକୁ ଘେରାଉ କରିଥିଲେ। ଘଟଣାସ୍ଥଳରେ ବ୍ୟାପକ ପୋଲିସ ମୁତୟନ ହୋଇଥିଲେ। ଫଳରେ ଅଫିସ କାମରେ ବ୍ୟାହତ ହୋଇଥିଲା । ଜଣେ କର୍ମଚାରୀଙ୍କୁ ପୋଲିସ ମାଡ ମାରିବାରୁ ଉତ୍ତେଜନା ପରିସ୍ଥିତି ଉପୁଜିଥିଲା । ଫଳରେ କିଛି ସମୟ ପାଇଁ ପୋଲିସ ଓ ଆନ୍ଦୋଳନକାରୀ ମାନଙ୍କ ମଧରେ ମୁହାଁମୁହିଁ ହୋଇଥିଲେ।

## ବାଲେଶ୍ୱର ଉପନିର୍ବାଚନ

### ଜିଲାରେ ସ୍ୱାସ୍ଥ୍ୟସେବା ଭୁଶୁଡ଼ିଛି

**ବାଲେଶ୍ୱର ଅଫିସ, ୧୯।୧୦:** ବାଲେଶ୍ୱର ବିଧାନସଭା ନିର୍ବାଚନମଣ୍ଡଳୀ ଉପନିର୍ବାଚନ ଲାଗି ବାତାବରଣ ସରଗରମ ହୋଇପଡ଼ିଛି। ଜିଲାରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ନେଇ ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଦାୟୀ କରିଛନ୍ତି। ସହଦେବଖୁଣ୍ଟାସ୍ଥିତ ଏକ କଲ୍ୟାଣ ମଣ୍ଡପ ପରିସରରେ ଭାଜପା ପକ୍ଷରୁ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିରୋଧୀ ଦଳ ଉପନେତା ସେଠୀ ଯୋଗଦେଇ କହିଛନ୍ତି ଯେ, ବର୍ତ୍ତମାନ ରାଜ୍ୟରେ ସ୍ୱାସ୍ଥ୍ୟସେବା ଭୁଶୁଡ଼ି ପଡ଼ିଛି। ମହାମାରୀ କୋଭିଡ୍ ପ୍ରତିକାର ଦିଗରେ ରାଜ୍ୟ ସରକାର ବିଫଳ ହୋଇଥିବା ବେଳେ ସ୍ୱାସ୍ଥ୍ୟମନ୍ତ୍ରୀ ନିଜ ସାମ୍ବିଧାନିକ ଦାୟିତ୍ୱକୁ ଅବହେଳା କରି ନିର୍ବାଚନ ପ୍ରଚାର କରୁଛନ୍ତି। ନ୍ୟାଶନାଲ ଫ୍ୟାମିଲି ହେଲଥ୍ ସର୍ଭେ ତଥ୍ୟ ଅନୁଯାୟୀ ବାଲେଶ୍ୱର ଜିଲାର ଶିଶୁଙ୍କର ବୟସ ତୁଳନାରେ ଉଚ୍ଚତା, ଉଚ୍ଚତା ଅନୁଯାୟୀ ଓଜନ ଓ ବୟସ ଅନୁଯାୟୀ ଓଜନ ହ୍ରାସ ଘଟୁଛି। ସେହିଭଳି ଶିଶୁମାନେ ରକ୍ତହୀନତାର ଶୀକାର, ମହାମାରୀ କରୋନା ନିୟନ୍ତ୍ରଣ ପାଇଁ ପିପିଇ କିଟସ୍, ମାସ୍କ କ୍ରୟରେ ଅନିୟମିତତା, କେନ୍ଦ୍ର ସରକାରଙ୍କଠାରୁ ପାଇଥିବା ଅନୁଦାନ କିପରି ଖର୍ଚ୍ଚ ହେଲା ରାଜ୍ୟ ସରକାର ହିସାବ ନ ଦେବା,

**ଭାଜପାର ଅଭିଯୋଗ**

ଜିଲାରେ ଡାକ୍ତର, ନର୍ସ, ଫାର୍ମାସିଷ୍ଟ ଓ ପାରା ମେଡ଼ିକାଲ ଫାଙ୍କା ମେଡ଼ିକାଲ ପଦବୀ ପୂରଣ ନ ହେବା ଆଦି ନେଇ ବିରୋଧୀ ଦଳ ଉପନେତା ସେଠୀ ଅଭିଯୋଗ କରିଛନ୍ତି। ଏହି ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ସତ୍ୟବ୍ରତ ପଣ୍ଡା, ଜିଲା ସଭାପତି ଉମାକାନ୍ତ ମହାପାତ୍ର, ପୂର୍ବତନ ବିଧାୟକ ଗୋବିନ୍ଦ ଦାସ, ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ବିପିନ ଦାସ, ଜିଲା ମିଡ଼ିଆ ସଂଯୋଜକ ଶ୍ରୀନିବାସ ପ୍ରଧାନ ଉପସ୍ଥିତ ଥିଲେ।


ଖରବାଦତା ସମ୍ମିଳନୀରେ ଭାଜପା କର୍ମକର୍ତ୍ତା।

## ବିକାଶ ପ୍ରସଙ୍ଗ ନେଇ ଲଢ଼ିବ ଭାଜପା: ରାଜ୍ୟ ସଭାପତି


ମିଶ୍ରଣ ପର୍ବରେ ଉପସ୍ଥିତ ଭାଜପା କର୍ମକର୍ତ୍ତା।

**ବାଲେଶ୍ୱର ଅଫିସ**

ବାଲେଶ୍ୱର ବିଧାନସଭା ନିର୍ବାଚନମଣ୍ଡଳୀ ଉପନିର୍ବାଚନ ପରିପ୍ରେକ୍ଷୀରେ ଭାଜପା ପକ୍ଷରୁ ସହଦେବଖୁଣ୍ଟାସ୍ଥିତ ଏକ ଘରୋଇ କଲ୍ୟାଣମଣ୍ଡପ ପରିସରରେ ମିଶ୍ରଣ ପର୍ବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ଯୋଗଦେଇ ନବାଗତମାନଙ୍କୁ ଦଳୀୟ ଟୋପି ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ବିକାଶ ପ୍ରସଙ୍ଗକୁ ଆଧାର କରି ନିର୍ବାଚନ ରଣାଙ୍ଗନକୁ ଭାଜପା ଓହ୍ଲାଇବା ସହ ବାଲେଶ୍ୱରର ବିକାଶ କାହାଣୀରେ ଏକ ନୂଆ ଫର୍ଦ୍ଦ ଯୋଡ଼ିବ। ବିଜେଡି ଦେଇଥିବା ପ୍ରତିଶ୍ରୁତି ପାଳନ କରି ନ ଥିବା ଅଭିଯୋଗ ଆଣିଥିଲେ। ଯେପରିକି ଜମି ପଟ୍ଟା ନାଁରେ ଯୋଗ୍ୟତା ପତ୍ର ଦେବା, ରିଂ ରୋଡ଼, ସିଟି ବସ୍, ଇଡ୍‌କୋ ଟାୱାର, ପାର୍କ ଜୋନ୍, ନୂଆ ବସ୍‌ଷ୍ଟାଣ୍ଡ, ଫିସ୍ କୋରିଡ଼ର ଓ ମାର୍କେଟ୍ ବିଲ୍ଡିଂ ଇତ୍ୟାଦି। ଦୀର୍ଘଦିନର ଅବହେଳା କାରଣରୁ ବାଲେଶ୍ୱର ନିର୍ବାଚନମଣ୍ଡଳୀର ସାଧାରଣ ଜୀବନଯାତ୍ରା ଦୁର୍ବିଷହ ହୋଇଯାଇଛି। ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ଗମନାଗମନ, ଜଳସେଚନ ଓ ରୋଜଗାର ବିପନ୍ନ ହୋଇଯାଇଛି। ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଛି। ଐତିହ୍ୟ ସମ୍ପୂର୍ଣ୍ଣ ବାଲେଶ୍ୱରକୁ ନିଶା କାରବାରର ପେଣ୍ଠସ୍ଥଳୀରେ ପରିଣତ କରିଦିଆଯାଇଛି। ଏହା ପଛରେ ରହିଛି ସରକାରୀ ଦଳର ପ୍ରତ୍ୟକ୍ଷ ପୃଷ୍ଠପୋଷକତା। ଏହି ନିର୍ବାଚନ ହେଉଛି ବିଜେଡିର ପତିଆରା ଓ ଅହଂକାରର ଲଢ଼େଇ ଏବଂ ଭାଜପା ପାଇଁ ଜନସାଧାରଣଙ୍କର ଦୁଃଖ ଯନ୍ତ୍ରଣା ଦୂର କରିବାର ଲଢ଼େଇ। ପିଠା, କାଳିଆ ସମେତ ଯୋଜନାଗୁଡ଼ିକ ଆଜି କେଉଁଠି ବୋଲି ମହାନ୍ତି ପ୍ରଶ୍ନ କରିଛନ୍ତି। ସୋମବାର ଭାଜପାରେ ଯୋଗଦାନ କରିଥିବା ସଂଗ୍ରାମୀ ବନ୍ଧୁମାନଙ୍କର ସହଯୋଗରେ ଏକ ବିକଶିତ ବାଲେଶ୍ୱର ନିର୍ମାଣର ସ୍ୱପ୍ନ ସଫଳ ହେବ ବୋଲି ଆଶାବ୍ୟକ୍ତ କରିଛନ୍ତି ରାଜ୍ୟ ସଭାପତି।

### ଭାଜପାରେ ମିଶିଲେ ବିଜେଡିର ବରିଷ୍ଠ ନେତା

ବିଜେଡି ଛାଡି ବରିଷ୍ଠ ନେତାମାନେ ସୋମବାର ଭାଜପାରେ ସାମିଲ ହୋଇଛନ୍ତି। ବିଜେଡିର ପୂର୍ବତନ ନଗର ସଭାପତି ଓ ଦୁଇ ଦୁଇଥର ମୋ ପରିବାରର ଜୀବନବିନ୍ଦୁ ଜିଲା ସଂଯୋଜକ ଥିବା ଆଶିଷ ଘୋଷ, ବିଜେଡି ମହିଳାମୋର୍ଚ୍ଚା ସଦର ବ୍ଲକ ସଭାପତି କଲ୍ୟାଣ ମହାନ୍ତି, ବିଜେଡିର ବରିଷ୍ଠ ନେତା ତଥା ବିର୍ଲା ଟାୟାର୍ସ ଶ୍ରମିକ ସଂଘର ଉପସଭାପତି ଦୁକୁଲ ଚନ୍ଦ୍ର ଘଡ଼ାଇ ଭାଜପାରେ ସାମିଲ ହୋଇଛନ୍ତି। ସେମାନଙ୍କ ସହ ଆଲୁମେଦା ପଞ୍ଚାୟତ ୩ ନମ୍ବର ୱାର୍ଡ଼ ସଭାପତି ନାରାୟଣ ମଲ୍ଲିକ, ବିଜୁ ଛାତ୍ର ଜନତା ଦଳର ସାଧାରଣ ସମ୍ପାଦକ ବିଶ୍ୱଜିତ୍ ଦାସ, ବିଜୁ ଛାତ୍ର ଜନତା ଦଳର ସଦର ବ୍ଲକ କାର୍ଯ୍ୟସମିତି ସଦସ୍ୟ ଗଣରାଜା ଜେନା, ଚିକୁନ ଦାସ, ସଞ୍ଚିତ ଦାସ, ଶିପୁନ ସାହୁ, ପ୍ରଭାକର ଦାସ, ଅଭିଜିତ ମହାନ୍ତି, ମଣ୍ଟୁ ସେଠୀ, ଆକାଶ ଲେଙ୍କା, ଦୀପକ ସିଂଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଭାଜପାରେ ସାମିଲ ହୋଇଛନ୍ତି।

## ପଦ ଛାଡ଼ିଲେ ୩ କଂଗ୍ରେସ ନେତା

**ବାଲେଶ୍ୱର ଅଫିସ:** ବାଲେଶ୍ୱର ନିର୍ବାଚନମଣ୍ଡଳୀ ଉପ ନିର୍ବାଚନ ପାଖେଇ ଆସୁଥିବା ବେଳେ ଦଳୀୟ ପଦବୀରୁ ୩ କଂଗ୍ରେସ ନେତା ଇସ୍ତଫା ଦେଇଛନ୍ତି। ସେମାନଙ୍କୁ ଦଳରେ ଅଣଦେଖା ତଥା ଅବହେଳା କରାଯାଉଥିବା ଅଭିଯୋଗ କରି ପାତ୍ରପଡ଼ା ପଞ୍ଚାୟତ କଂଗ୍ରେସ କମିଟି ସଭାପତି ଗୋବିନ୍ଦ ଚନ୍ଦ୍ର ରାଉତ, ଚାନ୍ଦିପୁର ପଞ୍ଚାୟତ କଂଗ୍ରେସ ସଭାପତି ଖିରେନ୍ଦ୍ର ଚନ୍ଦ୍ର ଜେନା ଓ ପୂର୍ବତନ ଜିଲା ସାଧାରଣ ସମ୍ପାଦକ ମନୋଜ କୁମାର ନାଏକ ଦଳୀୟ ପଦବୀରୁ ଇସ୍ତଫା ଦେଇଥିବା ସୋମବାର ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି।

## ବିଜେଡିରେ ଅନ୍ତର୍ଦ୍ୱନ୍ଦ୍ୱ ନାହିଁ : ମନ୍ତ୍ରୀ

**ବାଲେଶ୍ୱର ଅଫିସ:** ବାଲେଶ୍ୱର ବିଧାନସଭା ନିର୍ବାଚନମଣ୍ଡଳୀର ଉପନିର୍ବାଚନ ଆସନ୍ତା ନଭେମ୍ବର ୩ତାରିଖରେ ଅନୁଷ୍ଠିତ ହେବ। ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ବିଜେଡିର ସମସ୍ତ ନେତା ଓ କର୍ମୀ ଏକାଠି ହୋଇଛନ୍ତି। ପୂର୍ବତନ ଏମ୍‌ପି ତଥା

**ପ୍ରାର୍ଥୀଙ୍କୁ ଜିତାଇବା ଲାଗି ଏକାଠି ହେଲେ ରବୀନ୍ଦ୍ର-ଜୀବନ**

ଜିଲା ସଭାପତି ରବୀନ୍ଦ୍ର କୁମାର ଜେନା ଏବଂ ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସଙ୍କ ମଧରେ ଅନ୍ତର୍ଦ୍ୱନ୍ଦ୍ୱ ନ ଥିବା ସୋମବାର ଏକ ଖବରଦାତା ସମ୍ମିଳନୀରେ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଜିଲାସଭାପତି ଇଂ. ଜେନା କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଦଳୀୟ ପ୍ରାର୍ଥୀ ସ୍ୱରୂପ ଦାସଙ୍କୁ ବିଜୟୀ କରିବା ପାଇଁ ଦଳର ସମସ୍ତ ନେତା ଓ କର୍ମୀଙ୍କୁ ଏକତ୍ରିତ ହୋଇ କାର୍ଯ୍ୟ କରୁଛନ୍ତି। ସେହିପରି ପୂର୍ବତନ ବିଧାୟକ ଦାସ ମଧ ଅନୁରୂପ ଭାବେ ଦଳୀୟ ଅନ୍ତର୍ଦ୍ୱନ୍ଦ୍ୱକୁ ଏଡ଼ାଇ ଜିଲା ସଭାପତିଙ୍କ ସହ ମିଶି କାର୍ଯ୍ୟ କରିବେ ବୋଲି ପ୍ରକାଶ କରିଛନ୍ତି।



ଖବରଦାତା ସମ୍ମିଳନୀରେ ମନ୍ତ୍ରୀ ପ୍ରତାପ ଜେନା ଓ ଅନ୍ୟମାନେ।

